# ODM PUBLIC SCHOOL

**SESSION : 2**
**CLASS : v**
**SUBJECT : (ଓଡ଼ିଆ)**
**CHAPTER NUMBER:06**
**CHAPTER NAME: ମାନିଆରୁ ମାଡାମ କ୍ୟୁରୀ**
**SUBTOPIC : ବିଷୟ ଆଲୋଚନା ଓ ଶବ୍ଦାର୍ଥ**



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ବିଷୟବସ୍ତୁ ଆଧାରରେ ଲବ୍ଧଜ୍ଞାନ ।

# ମାନିଆରୁ ମାଡାମ କ୍ୟୁରୀ ।

ଶୈଳେଶ ଚନ୍ଦ୍ର ପଟ୍ଟନାୟକ

ଅନ୍ଧାର ରାତିରେ ଟେବୁଲ ଉପରେ ଥୁଆ ହୋଇଥିବା ଗୋଟିଏ ହାତବନ୍ଧା ଘଡ଼ିକୁ ଲକ୍ଷ୍ୟ କର।ତୁମେ ଦେଖିବ,ଏହାର ଘଣ୍ଟାକଣ୍ଟା,ମିନିଟ୍ କଣ୍ଟା ଓ ଏଥିରେ ଲେଖାଯାଇଥିବା ଅଙ୍କଗୁଡ଼ିକ ଖଦ୍ୟୋତର ଆଲୁଅ ଭଳି ଚିକ୍ ଚିକ୍ କରୁଛି । ଏହା ଦ୍ୱାରା ବିନା ଆଲୁଅରେ ମଧ୍ୟ ତୁମେ ଘଣ୍ଟା ଦେଖି ସମୟ କହିପାରିବ । କେଡ଼େ ମଜା ସତେ ! ଦିନବେଳେ ଏହି ଚିକ୍ ଚିକ୍ କରୁଥିବା ପଦାର୍ଥର ରଙ୍ଗ ଈଷତ୍ ସବୁଜ ଦେଖାଯାଏ । କେବଳ ହାତଘଣ୍ଟା କାହିଁକି,କାନ୍ଥଘଣ୍ଟା ଓ ଟେବୁଲ ଘଣ୍ଟାର କଣ୍ଟା ଏବଂ ତାହାର ଅଙ୍କଗୁଡ଼ିକ ମଧ୍ୟ ଅନ୍ଧାରରେ ଚିକ୍ ଚିକ୍ କରେ । ଏହି ଈଷତ୍ ସବୁଜ ରଙ୍ଗର ପଦାର୍ଥଟି ହେଉଛି 'ରେଡିୟମ'।

# କଠିନ ଶବ୍ଦର ଅର୍ଥ

ଖଦ୍ୟୋତ –ଜୁଳୁଜୁଳିଆ ପୋକ
ଈଷତ୍ – ଅଳ୍ପ,ଟିକିଏ
ରେଡ଼ିୟମ –ରଞ୍ଜନରଶ୍ମୀ

# ମାନିଆରୁ ମାଡାମ କ୍ୟୁରୀ

ODM EDUCATIONAL GROUP
Changing your Tomorrow

ରେଡିୟମ ଗୋଟିଏ ଅତ୍ୟନ୍ତ ମୂଲ୍ୟବାନ ଓ ତେଜସ୍କ୍ରିୟ ଧାତବ ପଦାର୍ଥ । ଏହାକୁ ଆବିଷ୍କାର କରିଥିଲେ ମାଡ଼ାମ କ୍ୟୁରୀ ନାମକ ଜଣେ ମହୀୟସୀ ମହିଳା ଓ ତାଙ୍କ ସ୍ୱାମୀ ପେରି କ୍ୟୁରୀ । ଏଥିପାଇଁ ସେ ଦୁହିଁଙ୍କୁ କମ୍ ଶ୍ରମ,ସାଧନା ଓ ତ୍ୟାଗ କରିବାକୁ ପଡ଼ି ନ ଥିଲା । ସେହି ଶ୍ରମ ଓ ସାଧନାର ଅମୃତ ଫଳ ଆଜି ସମଗ୍ର ଜଗତ ଭୋଗ କରୁଛି । ଏହି ଆବିଷ୍କାର ନିମନ୍ତେ ସେ ଦୁହିଁଙ୍କୁ ୧୯୦୩ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ୧୮୬୭ ମସିହା ନଭେମ୍ବର ୭ ତାରିଖରେ ମାଡାମ କ୍ୟୁରୀଙ୍କ ଜନ୍ମ । ପିଲାଦିନେ ତାଙ୍କ ନାଁ ଥିଲା ମେରୀ ।ପିତାମାତା ଶ୍ରଦ୍ଧାରେ ଡାକୁଥିଲେ ମାନିଆ । ତାଙ୍କର ଆଉ ଚାରୋଟି ଭାଇଭଉଣୀ ଥିଲେ । ସେମାନେ ସମସ୍ତେ ଥିଲେ ପୋଲାଣ୍ଡ ଦେଶର ଅଧିବାସୀ । ପୋଲାଣ୍ଡ ସେତେବେଳେ ରୁଷ ଅଧୀନରେ ଥିଲା । ମାନିଆର ବାପା ପୋଲାଣ୍ଡର ଭରସଉ ସହରର ଗୋଟିଏ ମାଧ୍ୟମିକ ବିଦ୍ୟାଳୟରେ ଜଣେ ବିଜ୍ଞାନ ଓ ଗଣିତ ଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ । ତାଙ୍କ ମାଆ ମଧ୍ୟ ଥିଲେ ଶିକ୍ଷିତା । ସେ ଅନ୍ୟ ଏକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଥିଲେ ।

# କଠିନ ଶବ୍ଦର ଅର୍ଥ

ତେଜସ୍କ୍ରିୟ –ତେଜ ପ୍ରଦାନକାରୀ
ସାଧନା –ଅହରହ ଚେଷ୍ଟା
ପ୍ରଦାନ –ଦେବା
ଅଧୀନ – ଆୟତ୍ତ
ଅଧିବାସୀ – ବାସିନ୍ଦା

# ଗୃହକର୍ମ

କଷ୍ଟଶବ୍ଦ ଗୁଡ଼ିକୁ ପଢ ଓ ମନେରଖ ।

# LEARNING OUTCOME:

ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP